## ସଂକ୍ଷେପରେ

### ଏମ୍‌ସିଏଲ୍ କର୍ମଚାରୀ ଦେଲେ ୫ କୋଟି

ତାଳଚେର, ୧୭।୬(ନି.ପ୍ର.)- ଫନୀ ବାତ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ପାଇଁ ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ (ଏମ୍‌ସିଏଲ୍)ର କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫ କୋଟି ଟଙ୍କା ଦାନ କରିଛନ୍ତି। ଏମ୍‌ସିଏଲ୍‌ର ୨୨ ହଜାର କର୍ମଚାରୀ ଦିନକର ଦରମା ଏଥିପାଇଁ ପ୍ରଦାନ କରିଛନ୍ତି। ନବନିଯୁକ୍ତ ସିଏମ୍‌ଡି ବି.ଏନ. ଶୁକ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜେସିସି ମିଟିଂରେ ଏ ନେଇ ନିଷ୍ପତ୍ତି ନିଆଯାଇ ଥିଲା।

### ଚାଷୀଙ୍କୁ ମାଗଣା ମକା ବିହନ ବଣ୍ଟନ



ଚମ୍ପୁଆ, ୧୭।୬(ଡି.ଏନ୍.ଏ.)- ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ପକ୍ଷରୁ ଚମ୍ପୁଆ କୃଷି କାର୍ଯ୍ୟାଳୟଠାରେ ଚାଷୀଙ୍କୁ ମାଗଣା ହେକ୍ଟର ପିଛା ୧୫ କି.ଗ୍ରା. ବିହନ ଯୋଗାଇ ଦିଆଯାଇଥିବା ଜଣାପଡିଛି। ସୂଚନା ଅନୁସାରେ କୃଷି ବିଭାଗ ପକ୍ଷରୁ ଚଳିତ ଋତୁରେ ୭୫ ହେକ୍ଟର ଜମିରେ ମକାଚାଷ କରାଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୫୦ ହେକ୍ଟର ଚାଷ ବାବଦକୁ ଚାଷୀଙ୍କୁ ଜମି ଅନୁସାରେ ଏହି ବିହନ ପ୍ରଦାନ କରାଯାଇଛି। ବିହନ ସହ ମାଗଣା ଔଷଧ ମଧ ପ୍ରଦାନ କରାଯାଇଛି। ମକାଚାଷର ପେଣ୍ଠସ୍ଥଳୀ ଗୋଧୂଳି ଗ୍ରାମର ଚାଷୀଙ୍କୁ ଚୟନ କରି ପ୍ରାଥମିକତା ଦିଆଯାଇଛି। ପ୍ରାୟ ୬୦ ରୁ ୭୦ଜଣ ଚାଷୀଙ୍କୁ ମକାବିହନ ବଣ୍ଟନ କରାଯାଇଛି।

### ଯୁବକଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ଯୋଡ଼ା, ୧୭।୬(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି ଠାରେ ଜଣେ ଯୁବକ ହଠାତ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ସୂଚନା ଅନୁଯାୟୀ, ଜୁରୁଡ଼ି ପେଣ୍ଡେଇବସ୍ତି ଅଞ୍ଚଳରେ ରହୁଥିବା ଦେବରାଜ ପତିଙ୍କ ପୁଅ ଲୋକେଶ ପତିଙ୍କ(୧୮) ସୋମବାର ଅପରାହ୍ନରେ ହଠାତ ମୁଣ୍ଡ ବୁଲାଇଲା। ସେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଲୋକେଶ ପତିଙ୍କ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୋଲିସ ଖବର ପାଇ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିବା ପୋଲିସ ସୂଚନା ଦେଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି।

■ପରିବେଶକୁ ସୁରକ୍ଷା ଦେବ ବ୍ରାହ୍ମଣୀ ଅବବାହିକା

# ବର୍ଷକରେ ଲାଗିବ ୬୫ ହଜାର ବୃକ୍ଷ

ଢେଙ୍କାନାଳ ଅଫିସ,୧୭।୬



■ସମ୍ପ୍ରସାରିତ ହୋଇଛି ସବୁଜ ମହାନଦୀ ମିଶନ

■ଅଧିକ ୪ ନଦୀକୁ କରାଯାଇଛି ସାମିଲ

■ଗଛର ସୁରକ୍ଷା ପାଇଁ ଦିଆଯିବ କାଠବାଡ଼

ବିଗୁଡୁଛି ପରିବେଶ। ଦିନକୁ ଦିନ ବଢୁଛି ତାତି। ଅସହ୍ୟ ଗରମ ଓ ଗୁଳୁଗୁଳିରେ ତହଲବିକଳ ହେଉଛି ମଣିଷ ଜୀବନ। ସ୍ଥିତିକୁ ଅଧିକ ସଙ୍କଟ କରିଛି ଜଳସ୍ତର ହ୍ରାସ। ଏହି କାରଣରୁ ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଏସବୁକୁ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କାର୍ଯ୍ୟକାରୀ ହେଉଛି ସବୁଜ ମହାନଦୀ ମିଶନ। ୨୦୧୮-୧୯ ବର୍ଷରେ ପ୍ରଥମେ ମହାନଦୀ ଅବବାହିକା ତଥା ରାଜ୍ୟର ୧୪ଟି ବନଖଣ୍ଡରେ ଏହି ଯୋଜନାରେ ବୃକ୍ଷରୋପଣ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ରାଜ୍ୟର ବହୁ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଜଳସ୍ତର ହ୍ରାସ ଚିନ୍ତାଜନକ ହୋଇଥିବାରୁ ୨୦୧୯-୨୦ରେ ବ୍ରାହ୍ମଣୀ ସମେତ ରାଜ୍ୟର ଆଉ ୪ଟି ନଦୀକୁ ଯୋଜନାରେ ସାମିଲ କରାଯାଇଛି। ଢେଙ୍କାନାଳ ଜିଲା ଦେଇ ପ୍ରବାହିତ ଏହି ବ୍ରାହ୍ମଣୀ ନଦୀ ଅବବାହିକାରେ ୬୫ ହଜାର ବୃକ୍ଷରୋପଣ କରାଯିବ। ବର୍ଷକ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର ସୂଚନା ଦେଇଛନ୍ତି।

ବ୍ରାହ୍ମଣୀ ସମେତ ସବୁଜ ମହାନଦୀ ମିଶନରେ ନୂଆକରି ସାମିଲ ହୋଇଥିବା ନଦୀଗୁଡ଼ିକ ହେଲା ଗଞ୍ଜାମ ଜିଲାର ଋଷିକୂଲ୍ୟା, କେଉଁଝର ଜିଲା ଦେଇ ଯାଇଥିବା ବୈତରଣୀ ଓ କୋରାପୁଟ ଜିଲାରେ ଥିବା ବଂଶଧାରା। ଏସବୁ ନଦୀ ଅବବାହିକାରେ ବ୍ୟାପକ ବୃକ୍ଷରୋପଣ କରାଯିବ। ଯୋଜନା ଅନୁଯାୟୀ, ଢେଙ୍କାନାଳ ଜିଲା ଦେଇ ପ୍ରବାହିତ ହେଉଥିବା ବ୍ରାହ୍ମଣୀ ନଦୀର ଦୁଇ ପାର୍ଶ୍ୱ ସମେତ ଏହାର ଉପନଦୀ ଓ ଶାଖାନଦୀ କୂଳରେ ମଧ ପର୍ଯ୍ୟାପ୍ତ ବୃକ୍ଷରୋପଣ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ବିଶେଷକରି ଫାସି, ନିମ୍ବ, କରଞ୍ଜ ଭଳି ବୃକ୍ଷ ଲଗାଯିବ। ବ୍ରାହ୍ମଣୀ ଅବବାହିକାରେ ଆସୁଥିବା ଭୁବନ ବିଜ୍ଞାପିତ ଅଞ୍ଚଳରେ ୫ ହଜାର, କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜରେ ୫ ହଜାର, ଷଡଙ୍ଗୀ ରେଞ୍ଜରେ ୧୦ ହଜାର, ଭୁବନ ଓ ମହାବୀରରୋଡ ରେଞ୍ଜରେ ୨୦ ହଜାର ଲେଖାଏ ବୃକ୍ଷରୋପଣ କରାଯିବ। ସେହିପରି ଢେଙ୍କାନାଳ ସଦର ରେଞ୍ଜରେ ୧୦ ହଜାର ଗଛ ଲଗାଯିବ। ଏଥିପାଇଁ ପ୍ରାଥମିକସ୍ତରରେ ସରକାରଙ୍କ ପକ୍ଷରୁ ୮୫ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ କାର୍ଯ୍ୟ ଆରମ୍ଭ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଲାଗିବାକୁ ଥିବା ଗଛ ଗୁଡିକର ସୁରକ୍ଷା ପାଇଁ କାଠବାଡ ଦିଆଯିବ। ଯେହେତୁ ଅଧିକାଂଶ ସମୟରେ ହାତୀପଲ ବ୍ରାହ୍ମଣୀ ନଦୀ ପାର ହେଉଛନ୍ତି ଏବଂ ଚଲାବୁଲା କରୁଛନ୍ତି, ସେଥିପାଇଁ ଲୁହାବାଡ ଦିଆଯିବ ନାହିଁ ବୋଲି ବନ ବିଭାଗ ଅଧିକାରୀମାନେ କହିଛନ୍ତି। ହାତୀ ଉପଦ୍ରବରୁ ଗଛ ଗୁଡିକର ସୁରକ୍ଷା ପାଇଁ ମଧ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାୟ ଏକବର୍ଷ ମଧ୍ୟରେ ଏହି ଯୋଜନାରେ ବୃକ୍ଷରୋପଣ କାର୍ଯ୍ୟ ଶେଷ ହେବ।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର କୁହନ୍ତି, ପ୍ରଥମେ ମହାନଦୀ କୂଳରେ ଥିବା ୧୪ଟି ବନଖଣ୍ଡ ଅଞ୍ଚଳକୁ ନେଇ ସବୁଜ ମହାନଦୀ ମିଶନ ଆରମ୍ଭ ହୋଇଥିଲା। ତାପମାତ୍ରା ବୃଦ୍ଧି ପାଇବା, ଜଳସ୍ତର କମିବା ଓ ଆଗକୁ ଭୟାବହ ପରିସ୍ଥିତି ଉପୁଜିବା ସମ୍ଭାବନା ଥିବାରୁ ଉକ୍ତ ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ବୃକ୍ଷରୋପଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତ୍ୟେକ ଜିଲାରେ ଥିବା ନଦୀ ଏବଂ ଏହାର ଉପନଦୀ ତଥା ଶାଖା ନଦୀ କୂଳରେ ବୃକ୍ଷରୋପଣ ହେବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।

■ତୁରନ୍ତ ଆର୍‌ପିଡିଏସି ବୈଠକ ଦାବି

# ଜିଲାପାଳଙ୍କୁ ଭେଟିଲେ ରୁଙ୍ଗ୍‌ଟା କ୍ଷତିଗ୍ରସ୍ତ

ଢେଙ୍କାନାଳ ଅଫିସ,୧୭।୬

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଝାଡବନ୍ଧଠାରେ ରୁଙ୍ଗଟା ମାଇନ୍ସ ଲିମିଟେଡ ପ୍ରକଳ୍ପ ପାଇଁ ପୁନର୍ବାସ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି(ଆରପିଡିଏସି) ବୈଠକ ତୁରନ୍ତ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜମିହରା ପ୍ରଜା ଦାବି କରିଛନ୍ତି। ସୋମବାର ସେମାନେ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗରୁ ଜଣାପଡିଛି, ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ସମୟରେ ହିନ୍ଦୋଳ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ କମ୍ପାନୀ ପରିସରରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା। ଏଥିରେ ଉପସ୍ଥାପନ ହୋଇଥିବା ଦାବିଗୁଡିକ ଆରପିଡିଏସି ବୈଠକରେ ଚୂଡାନ୍ତ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏହି ବୈଠକ ବସିବା ପାଇଁ ଅହେତୁକ ବିଳମ୍ବ ହୋଇଥିବାରୁ କୌଣସି ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ସେହିପରି ବୈଠକରେ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଜମିହରା ସଦସ୍ୟଙ୍କ ମଧ୍ୟରୁ କେତେଜଣଙ୍କୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ସହ ଯୋଗାଯୋଗ ରକ୍ଷା ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ଏକ କମିଟି ଗଠନ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା । କିନ୍ତୁ କିଛି ମୁଷ୍ଟିମେୟ ଲୋକ କମ୍ପାନୀ ଓ ପ୍ରଶାସନକୁ ଜମିହରାଙ୍କ ଅଗୋଚରରେ ନିଜର ସ୍ୱାର୍ଥ ହାସଲ ପାଇଁ ବିଭିନ୍ନ ପ୍ରକାର ଆନ୍ଦୋଳନ ଓ ଧମକ ଦେଉଛନ୍ତି। ତେଣୁ ଘଟଣାର ସତ୍ୟାସତ୍ୟ ତଦନ୍ତ କରାଯାଇ ଯେଉଁମାନେ ପ୍ରକଳ୍ପ ପାଇଁ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କ ପ୍ରତିନିଧିଙ୍କୁ ନେଇ ଏକ କମିଟି ଗଠନ କରାଯିବାକୁ ଅଞ୍ଚଳର ପ୍ରାଣବନ୍ଧୁ ସାହୁ, ବିଦ୍ୟାଧର ସାହୁ, ଅରବିନ୍ଦ ମହାଲିକ, ଅଭୟ ସାହୁ, ଗୟାଚାନ୍ଦ ଦାସ, ବରୁଣ ବେହେରା, ୱାର୍ଡମେମ୍ବର ମହେନ୍ଦ୍ର ସାହୁ, ଗାଲପଡା ପଞ୍ଚାୟତ ନାଏବ ସରପଞ୍ଚ ବାସନ୍ତି ସାହୁ, ୱାର୍ଡମେମ୍ବର ସୁକାନ୍ତି ନାୟକ ଓ କୌଶଲ୍ୟା ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି ।



ଆରପିଡିଏସି ବୈଠକ ପାଇଁ ଦାବି କରୁଥିବା ରୁଙ୍ଗଟା ଜମିହରା ପ୍ରଜା ଜିଲାପାଳଙ୍କୁ ଜଣାଇବାକୁ ଆସିଛନ୍ତି।

## କିଷାନ କ୍ରେଡିଟ୍ କାର୍ଡର ବ୍ୟବହାର ଜାଣିଲେ କୃଷକ




ଢେଙ୍କାନାଳ ଅଫିସ,୧୭।୬

ଢେଙ୍କାନାଳ ଜିଲା କଣ୍ଟାପାଳ ଗ୍ରାମରେ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟର ବିତ୍ତୀୟ ସମାବେଶ ବିଭାଗର ଅଧିକାରୀ ଶ୍ରୀକାନ୍ତ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ରିଜର୍ଭ ବ୍ୟାଙ୍କର ଏଲ୍‌ଡିଓ ଖୁସିରାମ ସାହୁ, ଗ୍ରାମର କୃଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନଙ୍କୁ କିଷାନ କ୍ରେଡିଟ କାର୍ଡର ବ୍ୟବହାର ଏବଂ ଏହା ମାଧ୍ୟମରେ ମାଛଚାଷ ଓ ଗୋପାଳନ ପାଇଁ ଥିବା ସୁବିଧା ସମ୍ପର୍କରେ ବୁଝାଇଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସନ୍ଦୀପ ରଞ୍ଜନ ଦାସ, ବିତ୍ତୀୟ ସାକ୍ଷରତାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିବା ସହ ଠିକ୍ ସମୟରେ କୃଷିଋଣ ଓ ଗୋଷ୍ଠୀଋଣ ପରିଶୋଧର ବିଭିନ୍ନ ଲାଭ ସମ୍ପର୍କରେ ସୂଚନା ଦେଇଥିଲେ। ନାବାର୍ଡର ଡିଡିଏମ୍ ଡ. ଜ୍ଞାନେନ୍ଦ୍ର ରାଉତ ସଞ୍ଚୟର ଉପକାରିତା ଏବଂ ନାବାର୍ଡ ଦ୍ୱାରା ପ୍ରଦତ୍ତ ବିଭିନ୍ନ କୃଷିଭିତ୍ତିକ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଏଫ୍‌ଏଲ୍‌ସି ରବି ନାରାୟଣ ପାଣିଗ୍ରାହୀ ବିଭିନ୍ନ ସାମାଜିକ ସୁରକ୍ଷା, ଅଟଳ ପେନସନ, ଏଟିଏମ୍‌ର ବ୍ୟବହାର ଓ ଉପକାର ସମ୍ପର୍କରେ ବୁଝାଇଥିଲେ। କଣ୍ଟାପାଳ ପଞ୍ଚାୟତର ସରପଞ୍ଚ ଶତ୍ରୁଘ୍ନ ମହାଖୁଡ, ଠିକ୍ ସମୟରେ ଋଣ ପରିଶୋଧ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖା ପରିଚାଳକ ବାମଦେବ କୁଅଁର ସହଯୋଗ କରିଥିଲେ।

## ରୋଜାଲିନ ହେଲେ ରଜ କୁଇନ

ଢେଙ୍କାନାଳ ଅଫିସ,୧୭।୬

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସଦାଶିବପୁର ପଞ୍ଚାୟତ ସୁଧାଡିହ କାଟେଣୀଠାରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ୩ ଦିନ ବ୍ୟାପି ଚାଲିଥିବା ଏହି ଉତ୍ସବରେ ଗ୍ରାମର କୁମାରୀ ସଙ୍ଗଠନ ଦ୍ୱାରା ଝୋଟି, ନାଚ, ଗୀତ, ମ୍ୟୁଜିକ ଚେୟାର, ପୁଚିଖେଳ, ଜଣାଅଜଣା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶେଷଦିନରେ ଅତିଥିମାନେ ଚଳିତବର୍ଷ ପାଇଁ ରଜ କୁଇନ ଭାବେ ରୋଜାଲିନ ଖଟୁଆଙ୍କୁ ଚୟନ କରିଥିଲେ। ତାଙ୍କୁ ରଜ କୁଇନ ମୁକୁଟ ପିନ୍ଧା ଯାଇଥିଲା। ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଇତିଶ୍ରୀ ସାହୁ, ସରପଞ୍ଚ ଈଶ୍ୱରଚନ୍ଦ୍ର ରାଉତ ଓ ସମିତି ସଭ୍ୟା ଧରିତ୍ରୀ ମଲିକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବିତ ରାଉତ ଓ ରାଜେନ୍ଦ୍ର ରାଉତ ପରିଚାଳନା କରିଥିଲେ ।

## 'ବ୍ୟକ୍ତିତ୍ୱ ବିକାଶ କରେ ରଜ ମହୋତ୍ସବ'

ଢେଙ୍କାନାଳ ଅଫିସ,୧୭।୬

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହାପଦା ଗ୍ରାମରେ ରଜ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଶୈଳଜା ରବି କହିଲେ ଯେ, ରଜ ମହୋତ୍ସବ ଅବସରରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମ ମହିଳାମାନଙ୍କ ବ୍ୟକ୍ତିତ୍ୱ ବିକାଶ ଦିଗରେ ପ୍ରେରଣା ଯୋଗାଇବ। ବିଶିଷ୍ଟ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, କବି ଶଙ୍କର୍ଷଣ ଶତପଥୀ, ଶିକ୍ଷାବିତ ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ଓଡ଼ିଶା ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ବାହାଦୂର ପାଟସାହାଣୀ ସଭାପତିତ୍ୱ କରିଥିଲେ। ଗ୍ରାମ ସଭାପତି ସାରଦା ପ୍ରସାଦ ନାଥ, ସଭ୍ୟ ପ୍ରଦୀପ୍ତ କୁମାର ନାଥ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ନାଥ ପ୍ରମୁଖ ପ୍ରତିବର୍ଷ ଏଭଳି ଉତ୍ସବ ଆୟୋଜନ ପାଇଁ ପ୍ରସ୍ତାବ ଦେଇଥିଲେ। ରଜ କବିତା ଆସରକୁ କବି ରଶ୍ମିତା ରାଉତ ସଂଯୋଜନା କରିଥିଲେ। କବି ମାନସୀ କର, ସରିତା ପାଟସାହାଣୀ, କୁଞ୍ଜ ବିହାରୀ ସାହୁ, ସଂଯୁକ୍ତା ଶରଣ, ନନ୍ଦିକେଶରୀ ନାଥ, ପ୍ରେମାନନ୍ଦ ରାଉତ, ବିଦ୍ୟାଧର ବାରିକ, ପୃଥ୍ୱୀଦୀପ୍ତ ଭୁଷଣ୍ଡ, ଉମାବତୀ ରାଉତ, ଶ୍ରୀବତ୍ସ ନାୟକ ଓ କାନନବାଳା ପଣ୍ଡା ସ୍ୱରଚିତ କବିତା ପାଠ କରିଥିଲେ। ବିଶ୍ୱ ଓଡ଼ିଶା ଅଧିଶୟ ଗ୍ରାମ ପ୍ରକଳ୍ପ ଅନୁଯାୟୀ ମହାପଦା ଗ୍ରାମକୁ ଅଧିଶୟ ଗ୍ରାମଭାବେ ଗ୍ରହଣ କରିବା ପାଇଁ ଘୋଷଣା କରାଯାଇଥିଲା। ସମ୍ପାଦକ ମନୋଜ କୁମାର ସାହୁଙ୍କ ସମେତ ପ୍ରତାପ କୁମାର ନାୟକ, ଜ୍ୟୋତି ରଞ୍ଜନ ନାଥ, ତୁଷାର ରଞ୍ଜନ ନାଥ, ସରୋଜ କୁମାର ନାଥ ଓ ରଞ୍ଜନ କୁମାର ନାଥ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ବିଶ୍ୱ ଓଡ଼ିଶା ଅନୁଷ୍ଠାନ ଓ ମହାପଦା ଗ୍ରାମ ପରିଚାଳନା ପରିଷଦର ମିଳିତ ଆନୁକୂଲ୍ୟରେ ୩ ଦିନିଆ ରଜ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।



ମହାପଦା ଗ୍ରାମ ରଜ ମହୋତ୍ସବ ଉଦ୍‌ଯାପିତ।

# ଦାରୁଦିଅଁଙ୍କ ଗଜାନନ ବେଶ



କାମାକ୍ଷାନଗରରେ ଦାରୁଦିଅଁଙ୍କ ଗଜାନନ ବେଶ।

କାମାକ୍ଷାନଗର/ଭୁବନ, ୧୭।୬(ଡି.ଏନ.ଏ.)

କାମାକ୍ଷାନଗର ଜଗନ୍ନାଥ ମନ୍ଦିରରେ ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଦାରୁଦିଅଁଙ୍କ ଯଥାନୀତି ଶେଷ ହୋଇଛି। ସକାଳୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନବେଦିକୁ ବିଜେ କରାଯାଇଥିଲା। ପରେ ଯଥାନୀତିରେ ତିନି ଠାକୁରଙ୍କୁ ସ୍ନାନ କରାଯାଇଥିଲା। ସୁବ୍ରତ ତ୍ରିପାଠୀ ଛେରା ପହଁରା କରିଥିଲେ। ପଣ୍ଡିତ ସତୀଶ ଆଚାର୍ଯ୍ୟ, ପୂଜକ ପ୍ରଦୀପ ପଣ୍ଡାଙ୍କ ଦ୍ୱାରା ଦୁର୍ଲ୍ଲଭ ଗଜାନନ ବେଶରେ ସଜା ଯାଇଥିଲା। ସଞ୍ଜୟ ମିଶ୍ର, ପାପୁନି ମିଶ୍ର, ଗୌତମ ତ୍ରିପାଠୀ, ଶିଶିର ପଣ୍ଡା, ପ୍ରତ୍ୟୁଷ ମିଶ୍ର, ଅଭିଷେକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଭୁବନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ସକାଳ ସମୟରେ ନୀତିକାନ୍ତି ସରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା। ପରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। ଘଣ୍ଟବାଦ୍ୟରେ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା।



ଭୁବନ ମନ୍ଦିରରେ ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି।

■ଶ୍ରୀବଳରାମ ଜୀଉଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

# ଚନ୍ଦନଲାଗି ବେଶରେ ଦର୍ଶନ ଦେଲେ ମହାପ୍ରଭୁ



ମହାପ୍ରଭୁ ବଳରାମ, ଭଉଣୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥଙ୍କ ଚନ୍ଦନଲାଗି, ଅଳଙ୍କାର ବେଶ।

ଢେଙ୍କାନାଳ ଅଫିସ,୧୭।୬

ଢେଙ୍କାନାଳ ସ୍ଥିତ ଶ୍ରୀବଳରାମ ଜୀଉଙ୍କ ମନ୍ଦିରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଚନ୍ଦନଲାଗି ଓ ଅଳଙ୍କାର ବେଶରେ ସ୍ନାନ ମଣ୍ଡପରେ ମହାପ୍ରଭୁ ବଳରାମ ଓ ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ସକାଳ ୫ଟା ୪୦ରେ ସ୍ନାନ ଯାତ୍ରା ପାଇଁ ରତ୍ନ ବେଦୀରୁ ଶ୍ରୀ ଜୀଉମାନଙ୍କ ପହଣ୍ଡି ଆରମ୍ଭ ହୋଇ ସକାଳ ୬ଟା ୪୫ରେ ଶେଷ ହୋଇଥିଲା। ଠାକୁରଙ୍କୁ ମନ୍ଦିର ପରିସରରେ ଥିବା ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପରେ ଦଧିବାବନ ଜୀଉ ମଠରେ ସକାଳ ୭ଟା ୨୦ରେ ସ୍ନାନଯାତ୍ରା ଆରମ୍ଭ ହୋଇଥିଲା। ସକାଳ ୮ଟାରେ ଶ୍ରୀବଳରାମ ଜୀଉ ମନ୍ଦିର ପରିସର ସ୍ନାନ ମଣ୍ଡପରେ ଠାକୁରଙ୍କ ନୀତିକାନ୍ତି ସରିବା ପରେ ମହାସ୍ନାନ ଆରମ୍ଭ ହୋଇଥିଲା। ସକାଳ ୯ଟାରେ ସ୍ନାନ ଶେଷ ହୋଇ ଶ୍ରୀଜୀଉ ମାନଙ୍କର ଚନ୍ଦନଲାଗି ଓ ସୁନା ବେଶ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କର ବେଶ ଦେଖିବା ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ ଲାଗିଥିଲା। ଭଜନ କାର୍ଯ୍ୟକ୍ରମ ପୀଠ ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବହୁ ଶ୍ରଦ୍ଧାଳୁ ପୀଠ ପରିସରରେ ଥିବା ଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ତିନିଧୂପ ହେବାପରେ ରାତି ପ୍ରାୟ ସାଢେ ୧୦ଟାରେ ମହାପ୍ରଭୁ ଅଣସର ଘରକୁ ଯାଇଥିଲେ। ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ପୂଜାପଣ୍ଡା ଭାଗୀରଥି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆଲୋକମାଳାରେ ମନ୍ଦିର ଓ ଏହା ପରିସର ଝଲସି ଉଠିଥିଲା।

## ରଥ ଅଖରେ ଚକ ଲାଗିଲା

ସ୍ନାନ ପୂର୍ଣ୍ଣିମା ଅବସରରେ ଢେଙ୍କାନାଳ ରଥଗଡାଠାରେ ଦୁଇ ରଥର ଅଖରେ ସୋମବାର ପୂର୍ବାହ୍ନ ୧୧ଟାରେ ଚକ ଲାଗିଥିଲା । ଅଖ ଓ ଚକକୁ ପୂଜାର୍ଚ୍ଚନା କରାଯିବା ପରେ ଏହାକୁ ସଂଯୋଗ କରାଯାଇଥିଲା । ଏହି ଅବସରରେ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ଶ୍ରୀବଳରାମ ମନ୍ଦିରର ପୂଜକମାନେ ଉପସ୍ଥିତ ଥିଲେ। ପ୍ରଥମେ ବଡରଥ ଓ ପରେ ମହିଳାମାନେ ଟାଣୁଥିବା ସାନ ରଥରେ ଚକ ଲଗାଯାଇଥିଲା। ଏହା ପରଠାରୁ ଦୁଇ ରଥର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଦେବୋତ୍ତର ନିରୀକ୍ଷକ ସୂଚନା ଦେଇଥିଲେ ।



ରଥଗଡାରେ ଅଖରେ ଚକ ସଂଯୋଗ କରାଯାଇଛି।

**ସଂକ୍ଷେପରେ**

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା



ବଅଁରପାଳ, ୧୭।୬(ଡି.ଏନ.ଏ.)- ବଅଁରପାଳ ବ୍ଲକ ନୂଆହତା ଗ୍ରାମରେ ସୋମବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୪ ଭାଇ ସତ୍ୟାନନ୍ଦ ଧୀର, କେଶବ ଧୀର, ବାସୁଦେବ ଧୀର ଓ ଶ୍ରୀରାମ ଧୀରଙ୍କ ୪ ବଖରା ଘର ଜଳିଯାଇଛି। ସତ୍ୟାନନ୍ଦଙ୍କ ରୋଷେଇ ଘରୁ ଗ୍ୟାସ ଟାଙ୍କି ଫାଟି ପ୍ରଥମେ ନିଆଁ ଲାଗିଥିଲା। ପରେ ଏହା ଅନ୍ୟଘରକୁ ବ୍ୟାପି ଯାଇଥିବା ଜଣାପଡିଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ଯାଇଥିବା ଅଭିଯୋଗ ହୋଇଛି।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ବନ୍ତଳା, ୧୭।୬(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଳା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନାବାଳିକା ଜଣକ ରବିବାର ଅପରାହ୍ନରେ ତାଙ୍କ ମାମୁ ଘରୁ ଫେରୁଥିବାବେଳେ ବାଟରେ ବଲଙ୍ଗ ଗ୍ରାମର ରୋହିତ ମହାଳିକ(୪୦) ଓ କୌଶିକ ସାହୁ(୪୫) ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ଅଭିଯୋଗ ହେବାର ୧୦ ଘଣ୍ଟା ପରେ ବି ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ପୀଡିତାଙ୍କ ପରିବାର ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ, ନାବାଳିକା ଜଣକ ଅପରାହ୍ନରେ ଘରକୁ ଫେରୁଥିବାବେଳେ ରୋହିତ ଓ କୌଶିକ ତାଙ୍କୁ ଅଟକାଇ ବଳାତ୍କାର ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିଯିବା ଭୟରେ ଅଭିଯୁକ୍ତମାନେ ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେଠାରୁ କୌଶଳ କ୍ରମେ ଖସି ନାବାଳିକା ଜଣକ ପରିବାର ଓ ଗ୍ରାମବାସୀଙ୍କୁ ଜଣାଇବା ପରେ ରବିବାର ରାତି ୧୨ଟାରେ ଥାନାରେ ଅଭିଯୋଗ କରିଥିଲେ। ସୋମବାର ସନ୍ଧ୍ୟା ସୁଦ୍ଧା ପୋଲିସ କୌଣସି ପଦକ୍ଷେପ ନ ନେବା ଏବଂ ଏହା ବଦଳରେ ପୀଡିତାଙ୍କ ପରିବାରକୁ ଥାନାରେ ସନ୍ଧ୍ୟା ପର୍ଯ୍ୟନ୍ତ ବସାଇ ରଖିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଅଭିଯୁକ୍ତ ରୋହିତ ଥାନାକୁ ଆସିଥିବାବେଳେ ତାଙ୍କୁ ଅଟକ ରଖାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଥାନା ଆଇଆଇସି ପ୍ରଦୀପ କୁମାର ପ୍ରଧାନ କୁହନ୍ତି, ଥାନାରେ ଅନୁପସ୍ଥିତ ଥିଲି। ଏ କେସ ଅନ୍ୟ କେହି ନେଇ ପାରିବେ ନାହିଁ। ମୁଖ୍ୟ ଅଭିଯୁକ୍ତଙ୍କୁ ଅଣାଯାଇଛି। ନଂ ୧୦୪/୧୯ ପୋକ୍ସୋ ଆକ୍ଟରେ ମକଦ୍ଦମା ରୁଜୁ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

### ଭିନ୍ନ ମୋଡ଼ ନେଲା ନାବାଳକ ଅପହରଣ ଅଭିଯୋଗ

# କିନ୍ନର ସଂଘ ସଦସ୍ୟଙ୍କ ସହ ଯିବାକୁ ଜିଦ୍

- ସିଡବ୍ଲ୍ୟୁସି କାର୍ଯ୍ୟାଳୟରେ ହୋ ହଲ୍ଲା
- ୩ ଘଣ୍ଟାର ଆଲୋଚନା ପରେ ବାହାରିଲା ନିଷ୍କର୍ଷ
- ଉଦ୍ଧାର ନାବାଳକଙ୍କୁ ପରିବାର ଜିମା ଦିଆଗଲା

**ଅନୁଗୋଳ ଅଫିସ, ୧୭।୬**



କିନ୍ନର ସଂଘ ସଦସ୍ୟଙ୍କ ସହ ନାବାଳକ।

ଅନୁଗୋଳ ଜିଲା କଲିୟରୀ ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ କେହି ଅପହରଣ କରି ନେଇଥିବା ଗତ ମାସ ୨୪ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଚଳିତମାସ ୧୫ ତାରିଖରେ କଲିୟରୀ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଭୁବନେଶ୍ୱରର କିନ୍ନର ବସ୍ତିରୁ ଉଦ୍ଧାର କରିଥିଲା। ରବିବାର ତାଙ୍କୁ ତାଳଚେର ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ କୋର୍ଟ ସମ୍ପୃକ୍ତ ନାବାଳକଙ୍କୁ ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ଙ୍କ ନିକଟକୁ ପଠାଇ ଦେଇଥିଲେ। କିନ୍ତୁ ସୋମବାର ଏହି ଅପହରଣ ଘଟଣା ଭିନ୍ନ ମୋଡ଼ ନେଇଥିଲା। ଅନୁଗୋଳ ହାଟଛକଠାରେ ଥିବା ସିଡବ୍ଲ୍ୟୁସି କାର୍ଯ୍ୟାଳୟରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଦ୍ଧାର ନାବାଳକ କିନ୍ନର ସଂଘ ସଦସ୍ୟଙ୍କ ସହ ରହିବାକୁ ଜିଦ୍ ଧରିଥିବା ବେଳେ ଭୁବନେଶ୍ୱରରୁ ଯାଇଥିବା ଅଲ ଓଡ଼ିଶା କିନ୍ନର ସଂଘ କର୍ମକର୍ତ୍ତାମାନେ ମଧ୍ୟ ଏ ନେଇ ଦାବି ରଖିଥିଲେ। କିନ୍ତୁ ଏହା ଆଇନ ପରିସରରେ ଆସୁ ନ ଥିବାରୁ ସିଡବ୍ଲ୍ୟୁସି ସେମାନଙ୍କ ଦାବିକୁ ଆଗ୍ରହ୍ୟ କରିବା ସହ ଉଦ୍ଧାର ନାବାଳକଙ୍କୁ ତାଙ୍କ ମାତାପିତାଙ୍କ ଜିମା ଦେଇଥିଲେ।

ପୋଲିସ ଭୁବନେଶ୍ୱର କିନ୍ନର ବସ୍ତିରୁ ଉଦ୍ଧାର କରିଥିବା ନାବାଳକଙ୍କୁ ସିଡବ୍ଲ୍ୟୁସିକୁ ପଠାଇ ଦେଇଥିବା ଖବର ପାଇ ଅଲ୍ ଓଡ଼ିଶା କିନ୍ନର ସଂଘ ସମ୍ପାଦିକା ମେଘନା ସାହୁଙ୍କ ସହ ଅନ୍ୟମାନେ ଆସି ଅନୁଗୋଳରେ ପହଞ୍ଚିଥିଲେ। ଫଳରେ ସିଡବ୍ଲ୍ୟୁସି ଅଧ୍ୟକ୍ଷଙ୍କ ସମେତ ସଦସ୍ୟମାନେ ଅଡୁଆ ପରିସ୍ଥିତିରେ ପଡ଼ିଥିଲେ। ଏପରି କି ସମ୍ପୃକ୍ତ ନାବାଳକଙ୍କୁ କେଉଁଠାରେ ରଖାଯିବ ତାହାକୁ ନେଇ ଦୀର୍ଘ ୩ ଘଣ୍ଟା ଧରି ତର୍ଜମା ଚାଲିଥିଲା। ନାବାଳକ ଜଣକ କହିଥିଲେ, ତାଙ୍କୁ କେହି ଅପହରଣ କରିନାହାନ୍ତି, ବରଂ ସେ ମା' ବାପାଙ୍କ ମାନସିକ ନିର୍ଯାତନା ସହି ନ ପାରି ଘର ଛାଡ଼ି ଚାଲିଯାଇଥିଲେ। ଶାଢ଼ି, ଚୂଡ଼ି ସହ ମହିଳାଙ୍କ ପୋଷାକ ପରିଧାନ କରିବାକୁ ସେ ଭଲ ପାଉଥିଲେ। ମହିଳାଙ୍କ ପରି ଆଚାର ବ୍ୟବହାର କରୁଥିବାରୁ ଲୋକଲଜ୍ଜା ଭୟରେ ତାଙ୍କୁ ଘରେ ବନ୍ଦ କରି ରଖାଯାଉଥିଲା। ତେଣୁ ପରିବାର ଲୋକଙ୍କ ପରିବର୍ତ୍ତେ ଅଲ୍ ଓଡ଼ିଶା କିନ୍ନର ସଂଘ ସମ୍ପାଦିକାଙ୍କ ସହ ଯିବାକୁ ଦିଆଯାଉ ବୋଲି ସେ କହିଥିଲେ। କିନ୍ତୁ ଏହାକୁ ପରିବାର ଲୋକେ ଓ ସିଡବ୍ଲ୍ୟୁସି ପକ୍ଷରୁ ବିରୋଧ କରାଯାଇଥିଲା। ଏହି ସମୟରେ ସାବାଳକ ହେବା ଯାଏ କିନ୍ନରଙ୍କ ରହିବା ଭଳି ବ୍ୟବସ୍ଥା ଥିବା ଶିଶୁ ଯତ୍ନ କେନ୍ଦ୍ରରେ ରଖିବାକୁ କିନ୍ନର ସଂଘ ସମ୍ପାଦିକା ମେଘନା ସାହୁ ଯୁକ୍ତି ବାଢ଼ିଥିଲେ। ତେବେ ଦୀର୍ଘ ସମୟର ଆଲୋଚନା ପରେ କୌଣସି ପ୍ରକାର ନିର୍ଯାତନା ଦିଆଯିବ ନାହିଁ ବୋଲି ନାବାଳକଙ୍କ ବାପା ସିଡବ୍ଲ୍ୟୁସି ଓ କିନ୍ନର ସଂଘକୁ ଲିଖିତ ଭାବେ ଅବଗତ କରିବା ପରେ ନାବାଳକଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଘଟଣାର ସମାଧାନ ସମୟରେ ସିଡବ୍ଲ୍ୟୁସି ସଦସ୍ୟା ବିଦ୍ୟୁଲତା ମିଶ୍ର, ପଦ୍ମାବତୀ ମିଶ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଝରଣା ନାୟକ, ସମାଜ ମଙ୍ଗଳ ଅଧିକାରୀ ମନୋରମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସଂଘରେ ବିବାଦ, ଅର୍ଥ ଆତ୍ମସାତ ଅଭିଯୋଗ

**ଅନୁଗୋଳ ଅଫିସ, ୧୭।୬**

ଅନୁଗୋଳ କିନ୍ନର ସଂଘରେ ବିବାଦ ଦେଖାଦେଇଛି। ପୂର୍ବତନ ସଭାପତି ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ଆଣିଛନ୍ତି ସଂଘର ସଭାପତି ଓ ସଦସ୍ୟ। ଅନ୍ୟପକ୍ଷରେ ପୂର୍ବତନ ସଭାପତି ମଧ୍ୟ ଅନୁଗୋଳ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ସଂଘର ସଦସ୍ୟମାନେ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ତାଙ୍କୁ ୫୦ ହଜାର ଟଙ୍କା ଦେବାକୁ କହୁଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ପୂର୍ବତନ ସଭାପତିଙ୍କ ଏପରି ଅଭିଯୋଗକୁ ସଂଘ ସଦସ୍ୟମାନେ ମିଥ୍ୟା ଓ ଟଙ୍କା ନ ଦେବାର ଏକ ବାହାନା ବୋଲି କହିଛନ୍ତି। ଅନୁଗୋଳ ପୋଲିସ ମଧ୍ୟ ଏପରି ଏକ ଘଟଣା କିନ୍ନରମାନଙ୍କ ମଧ୍ୟରେ ଘଟିଥିବା ସୂଚନା ଦେଇଛି।

### କର୍ଣ୍ଣର ସେଲ୍‌ଫି



@ ଶିବାନନ୍ଦ



@ ସନ୍ତୋଷ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ରଜ ପର୍ବ



**ଅନୁଗୋଳ ଅଫିସ, ୧୭।୬**

ଅନୁଗୋଳର ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ ଫାଉଣ୍ଡେଶନ ପକ୍ଷରୁ କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମରେ ରଜ ପର୍ବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜରଡ଼ା ସରପଞ୍ଚ ସୁଜାତା ପ୍ରଧାନ, ଜେଏସ୍‌ପିଏଲ୍ ଜିଏମ୍ ସିଏସ୍‌ଆର୍ ପୁଷ୍ପଲତା ଶତପଥୀ, ଜରଡ଼ା ଗ୍ରାମର ମାୟାଧର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ କ୍ରୀଡ଼ା ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୫ ଶହରୁ ଅଧିକ ବାଳିକା, ମହିଳା ଯୋଗ ଦେଇଥିବାବେଳେ ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଜେଏସ୍‌ପିଏଲ୍ ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ରଜ ଅଭିନନ୍ଦନ ଜଣାଇବା ସହ ଚଳିତବର୍ଷ ଉତ୍ତମ ମୌସୁମୀ ନେଇ ଆଶା ପ୍ରକଟ କରିଥିଲେ। ଜେଏସ୍‌ପିଏଲ୍ ଏଜିଏମ୍ ସିଏସ୍‌ଆର୍ ଆଶୁତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ପହିଲି ରଜ ମହିତଳା ଗ୍ରାମ ଠାରେ ଏବଂ ରଜ ସଂକ୍ରାନ୍ତି ଜରଡ଼ା ଗ୍ରାମରେ ଆୟୋଜିତ ହୋଇଥିଲା।

## ଜିତେନ୍ଦ୍ର ରକ୍‌ଷ୍ଟାର ଚାମ୍ପିୟନ

**ବନ୍ତଳା, ୧୭।୬ (ଡି.ଏନ୍.ଏ.)**

ବଡ଼କେରା ପଞ୍ଚାୟତ କରଡ଼ାବଣି ସାହିଠାରେ ଚାଲିଥିବା ମା' ବନଦୁର୍ଗା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଜିତେନ୍ଦ୍ର ରକ୍ ଷ୍ଟାର ଓ ଶିଶିର ଷ୍ଟାର ଇଲେଭେନ ମଧ୍ୟରେ ଖେଳା ଯାଇଥିଲା। ଷ୍ଟାର ଇଲେଭେନ ପ୍ରଥମେ ୫୨ ରନ୍ କରିଥିବାବେଳେ ଜବାବରେ ରକ୍ ଷ୍ଟାର ଆବଶ୍ୟକ ରନ କରି ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳର ସିପୁନ ଭୋଇ ଶ୍ରେଷ୍ଠ ବୋଲର ଓ ରନର୍ସ ଅପ୍ ଦଳର ସିଦ୍ଧାନ୍ତ ସାହୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୌଭାଗ୍ୟ ଭୋଇ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ମାଧବ ଚନ୍ଦ୍ର ମୁଖୀଙ୍କ ନେତୃତ୍ୱରେ ବୀରେନ୍ଦ୍ର ବେହେରା ଓ କୁନାଲ ମୁଖି ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦର ପୂର୍ବତନ ସଦସ୍ୟ ଧରଣୀଧର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଜିତ ବିଶ୍ୱାଳ, ବିଶ୍ୱମ୍ଭର ଖୁଣ୍ଟିଆ, ବସନ୍ତ ବେହେରା, ଲଲାଟ ଦେହୁରୀ ଓ ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଛୁଞ୍ଚି ରହିଯିବା ଘଟଣା: ଥାନାରେ ଅଭିଯୋଗ

**ବନ୍ତଳା, ୧୭।୬(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ଗଡ଼ତରାସ ଗ୍ରାମର ଶୁଭଙ୍କର ବେହେରା(୩)ଙ୍କୁ ଗତ ମାସ ୨୫ ତାରିଖରେ ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକଶନ ଦେବାବେଳେ ଛୁଞ୍ଚି ଭାଙ୍ଗି ତାଙ୍କ ଅଣ୍ଟାରେ ରହିଯାଇଥିଲା। ନର୍ସଙ୍କ ଦାୟିତ୍ୱହୀନତା ଯୋଗୁ ଶିଶୁଟିର ଅବସ୍ଥା ଗୁରୁତର ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେବେ ଦୀର୍ଘ ମାସେ ହେବ ସମ୍ପୃକ୍ତ ନର୍ସ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ପୁଅର ଆରୋଗ୍ୟ ପାଇଁ କୌଣସି ସହଯୋଗ କରା ନ ଯିବାରୁ ସୋମବାର ସକାଳେ ଶୁଭଙ୍କରଙ୍କ ବାପା ନିରାକାର ବେହେରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଶୁଭଙ୍କର ଖେଳୁଥିବା ସମୟରେ ପଡିଯିବାରୁ ଜିଭ ଖଣ୍ଡିଆ ହୋଇଯାଇଥିଲା। ତାଙ୍କୁ ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯିବା ପରେ ଡାକ୍ତର ୨ଟି ଇଞ୍ଜେକଶନ ନେବାକୁ ଲେଖିବା ସହ ଷ୍ଟାଫ ନର୍ସଙ୍କୁ ଇଞ୍ଜେକଶନ ଦେବାକୁ ପରାମର୍ଶ ଦେଇଥିଲେ। ନର୍ସ ଚନ୍ଦ୍ରକାନ୍ତି ମେହେର ଇୟରଫୋନ ଦେଇ ମୋବାଇଲରେ କଥା ହେଉଥିବା ବେଳେ ଶୁଭଙ୍କରଙ୍କ ଅଣ୍ଟାରେ ଇଞ୍ଜେକଶନ ଦେଇଥିଲେ। ଏହି ସମୟରେ ଛୁଞ୍ଚିଟି ଭାଙ୍ଗି ଶୁଭଙ୍କରଙ୍କ ଅଣ୍ଟାରେ ରହିଯାଇଥିଲା। ଡାକ୍ତର ଶୁଭଙ୍କରଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେହିଦିନ ରାତିରେ ତାଙ୍କୁ କଟକ ଶିଶୁ ଭବନ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଗୋଟିଏ ଦିନ ରହିବା ପରେ ୨୭ ତାରିଖରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ସେଠାରେ ଦୀର୍ଘ ୧୨ ଦିନ ରହିବା ପରେ ମେଶିନ ଖରାପ ଅଛି କହି ଡାକ୍ତର ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ପଠାଇଥିଲେ। ୭ ଦିନ ପରେ ଆସିବାକୁ କହି ଏମ୍‌ସ ଡାକ୍ତର ତାଙ୍କୁ ଘରକୁ ଫେରାଇ ଦେଇଥିଲେ। ପୁନର୍ବାର ଏମ୍‌ସ ଯିବା ପରେ ଡାକ୍ତର ଏକ ମାସ ପରେ ଆସିବାକୁ କହିଥିବା ନିରାକାର ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଧାର ଉଧାର କରି ସେ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଥିଲେ ବି ପୁଅ ଅଣ୍ଟାରୁ ଛୁଞ୍ଚି ବାହାରିପାରି ନ ଥିବା ନିରାକାର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନର୍ସ ମେହେର କୁହନ୍ତି, ଏହା ଏକ ଦୁର୍ଘଟଣା। ଯେଉଁ ଭଳି ଅଭିଯୋଗ ଆସୁଛି ତାହା ମିଛ। ଉଦ୍ଦେଶ୍ୟମୂଳକ ଭାବରେ ଏଭଳି କରାଯାଉଛି। ୭ ବର୍ଷ ହେଲା ଚାକିରି କାଳରେ କେବେ ଏଭଳି ଘଟିନାହିଁ। ଏ ବିଷୟରେ ବନ୍ତଳା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଘନଶ୍ୟାମ ବେହେରା କୁହନ୍ତି, ଯେଉଁ ଘଟଣା ଘଟିଛି ତାହା ଉଦ୍ଦେଶ୍ୟମୂଳକ ଭାବେ ହୋଇନାହିଁ। ଶିଶୁ ନିଜେ ଡରି ହାତରେ ଇଞ୍ଜେକଶନ ଟାଣି ଦେବାରୁ ଏଭଳି ହୋଇଛି। ବନ୍ତଳା ଥାନା ଆଇଆଇସି ପ୍ରଦୀପ କୁମାର ପ୍ରଧାନ କହିଛନ୍ତି, ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ନିଆଯିବ।

## ହାତୀ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**ବଅଁରପାଳ/ଛେଣ୍ଡିପଦା/କଣିହାଁ, ୧୭।୬(ଡି.ଏନ.ଏ.)**





ବଅଁରପାଳ ସ୍ଥିତ ପଞ୍ଚ ଶ୍ରୀକ୍ଷେତ୍ରରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୩ ଠାକୁରଙ୍କ ହାତୀ ବେଶ କରାଯାଇଛି। ଭୋର ସମୟରେ ଯଥାରୀତି ପୂଜାର୍ଚ୍ଚନା ପରେ ଦଇତାପତମାନେ ଶ୍ରୀଜୀଉମାନଙ୍କୁ ରତ୍ନ ବେଦୀରୁ ପହଣ୍ଡି କରାଇ ସ୍ନାନ ମଣ୍ଡପକୁ ନେଇଥିଲେ। ୧୦୮ ଗରା ପବିତ୍ର ଜଳରେ ଠାକୁରଙ୍କ ସ୍ନାନ କରାଯାଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ହାତୀବେଶ କରାଯାଇଥିଲା। ମନ୍ଦିର କମିଟି ସଭାପତି ବିଧାୟକ ରଜନୀକାନ୍ତ ସିଂ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସତ୍ୟବାନ ବରାହ ଓ କୁମୁଦିନୀ ବରାହ ପୂଜା କାର୍ଯ୍ୟ ତୁଲାଇଥିଲେ। ଛବି ମୋହନ ସାହୁ, ପ୍ରଦୀପ ମାଝି, ସତ୍ୟ ଅମାନ୍ତ, ନରେଶ ଚନ୍ଦ୍ର ସାହୁ, ପୀତାମ୍ବର ସାହୁ, ଅକ୍ଷୟ ପଟ୍ଟନାୟକ ପ୍ରମୁଖଙ୍କ ସମେତ ମନ୍ଦିର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ନାଲ୍‌କୋ ଜଗନ୍ନାଥ ମନ୍ଦିରରେ ୩ ଠାକୁରଙ୍କ ସକାଳେ ପୂଜାର୍ଚ୍ଚନା କରାଯିବା ସହ ଗଜାନନ ବେଶ କରାଯାଇଥିଲା। ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ମନସା ପ୍ରସାଦ ମିଶ୍ର, ସମ୍ପାଦକ ସତ୍ୟାନନ୍ଦ ସାହୁ, ଉପସଭାପତି ପୀତବାସ ସାହୁ, ସହ ସମ୍ପାଦକ ନୃସିଂହ ପ୍ରସାଦ ପାତ୍ର ଉପଦେଷ୍ଟା ନିର୍ମଳ ଶତପଥୀଙ୍କ ସମେତ ସମସ୍ତ ସେବାୟତ ମୃତ୍ୟୁଞ୍ଜୟ କର, ସଞ୍ଜୟ ପ୍ରଧାନ, ନିର୍ମଳ ବାରିକ, ଜଗନ୍ନାଥ ସେଠ, ବିଭୂତି ଶତପଥୀ ପ୍ରମୁଖ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକର ବିଭିନ୍ନ ସ୍ଥାନରେ ଏହି ଉତ୍ସବ ପାଳିତ ହୋଇଯାଇଛି। ଛେଣ୍ଡିପଦା ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନ କରାଯିବା ପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଏହା ଦେଖିବାକୁ ଅଞ୍ଚଳର ଶହଶହ ଭକ୍ତଙ୍କ ଭିଡ ଜମିଥିଲା। ପରେ ଠାକୁରଙ୍କୁ ପହଣ୍ଡିକରି ଅଣସର ଘରକୁ ଅଣାଯାଇଥିଲା। ସେହିପରି ବାଗଡିଆ, ଖମାର, କୋଶଳା, ପାତ୍ରପଡା, ବାଲିପଟା, ଡୁକୁଡା, ବ୍ରାହ୍ମଣବିଲ ଆଦି ଗ୍ରାମଗୁଡିକରେ ଥିବା ଜଗନ୍ନାଥ ମନ୍ଦିରରେ ଏହି ଉତ୍ସବ ପାଳନ କରାଯାଇଥିଲା। କଣିହାଁ ବ୍ଲକରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଉତ୍ସବକୁ ନେଇ ବ୍ଲକର ବଡ଼ଗୁଣ୍ଡୁରୀ, ପଥରମୁଣ୍ଡା, ରେଙ୍ଗାଳୀ, ବଜ୍ରକୋଟ, ସମଲ ଓ ଏନଟିପିସି ପ୍ରକଳ୍ପ ଜଗନ୍ନାଥ ମନ୍ଦିର ଚଳଚଞ୍ଚଳ ହୋଇ ଉଠିଥିଲା। ସନ୍ଧ୍ୟାରେ ବିଭିନ୍ନ ମନ୍ଦିରରେ ନାମ ସଂକୀର୍ତ୍ତନକୁ ନେଇ ଜନସମାଗମ ହୋଇଛି।



## ୧୦୮ ଗରା ପାଣିରେ ଗାଧୋଇଲେ ଚତୁର୍ଦ୍ଧାମୂର୍ତ୍ତି

**ଅନୁଗୋଳ ଅଫିସ, ୧୭।୬**

ରତ୍ନ ବେଦୀରୁ ସ୍ନାନ ମଣ୍ଡପକୁ ଓହ୍ଲାଇଛନ୍ତି ମହାପ୍ରଭୁ। ସକାଳେ ଘଣ୍ଟ ଘଣ୍ଟାର ରୋଷଣୀରେ ଧାଡ଼ି ପହଣ୍ଡିରେ ମହାପ୍ରଭୁ ସ୍ନାନ ମଣ୍ଡପରେ ପହଞ୍ଚିବା ପରେ ୧୦୮ ଗରା ପାଣିରେ ସ୍ନାନ କରିଥିଲେ। ଏହାପରେ ଚତୁର୍ଦ୍ଧାମୂର୍ତ୍ତି ଲାଲ ବସ୍ତ୍ର ପରିଧାନ କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ଛେରା ପହଁରା କରିଥିବାବେଳେ ଏସ୍‌ପି ମିତ୍ରଭାନୁ ମହାପାତ୍ର ସହଯୋଗ କରିଥିଲେ। ପରେ ମହାପ୍ରଭୁ ଗଜାନନ ବେଶ ଧାରଣ କରିଥିଲେ। ସ୍ନାନ ମଣ୍ଡପରେ ନିଜ ଠାକୁରଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ସୋମବାର ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା।

ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ମହାପ୍ରଭୁ ଅଣସର ଘରେ ରହିବେ। ତେଣୁ ଦେବସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ଗଜାନନ ବେଶ ଦେଖିବାକୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା ଶୈଳଶ୍ରୀକ୍ଷେତ୍ରକୁ। ପାଗ ଅନୁକୂଳ ଥିବାରୁ ସକାଳୁ ରାତିଯାଏ ଗହଳି ଲାଗି ରହିଥିଲା। ସନ୍ଧ୍ୟାରେ ଭକ୍ତଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସ୍ନାନ ମଣ୍ଡପ ଉପରେ ନୃତ୍ୟଶିଳ୍ପୀମାନେ ଗୀତଗୋବିନ୍ଦ ଓ ମାହାରୀ ନୃତ୍ୟରେ ଜଗନ୍ନାଥଙ୍କ ଅଲୌକିକ କଥାକୁ ଭକ୍ତଙ୍କ ନିକଟରେ ପହଞ୍ଚାଇଥିଲେ। ରବିବାର ରାତିରେ ମହାପ୍ରଭୁଙ୍କ ବଡ଼ସିଂହାର ଧୂପ ସାଙ୍ଗକୁ ପହୁଡ଼ ଲାଗି କରାଯାଇଥିଲା। ପରେ ଦଇତା ସେବକମାନେ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର କୂଅରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ୧୦୮ ଗରା ପାଣି ସଂଗ୍ରହ କରିଥିଲେ। ଚନ୍ଦନ, କର୍ପୂର ସହ ମନ୍ତ୍ରରେ ଉକ୍ତ ଜଳକୁ ମାର୍ଜନା କରାଯାଇଥିଲା।



ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ପାଇଁ ପାଣି ନିଆଯାଉଛି।

ସୋମବାର ମଙ୍ଗଳ ଆଳତି ଓ ଅନ୍ୟ ସେବା ପରେ ସକାଳ ୭ଟାରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନ ଛାଡ଼ିଥିବା ମନ୍ଦିର ସମ୍ପାଦକ ହେମନ୍ତ ଦାସ ସୂଚନା ଦେଇଛନ୍ତି। ରାତିରେ ଚତୁର୍ଦ୍ଧାମୂର୍ତ୍ତି ଗୋଟି ପହଣ୍ଡିରେ ଅଣସର ଘରକୁ ବିଜେ କରିଛନ୍ତି। ତେବେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ମନ୍ଦିରରେ ପୋଲିସ ମୁତୟନ କରାଯାଇଥିବାବେଳେ ଟ୍ରାଫିକ ବ୍ୟବସ୍ଥାରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ କରାଯାଇଛି।







